## ସଂକ୍ଷେପରେ

### ଶବବାହୀ ଆମ୍ବୁଲାନ୍ସ ହସ୍ତାନ୍ତର ନିଷ୍ପତ୍ତି

**ଭୁବନ, ୨୫।୧୨(ଡି.ଏନ୍.ଏ.):** ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରମେଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏନ୍ଏସି ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ନନ୍ଦକିଶୋର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମୃତଦେହ ପରିବହନ ଲାଗି ଏନ୍ଏସିରେ ନିୟୋଜିତ ଆମ୍ବୁଲାନ୍ସକୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଲାଗି ଚଳିତ ଆର୍ଥିକ ବର୍ଷରେ ୯ଲକ୍ଷ ୪୯ ହଜାର ୧୦୨ ଟଙ୍କା ବ୍ୟୟ ବରାଦ କରାଯାଇଥିବା ଆକାଉଣ୍ଟ ଅଫିସର ଶୁଭକାନ୍ତ ଆଚାର୍ଯ୍ୟ ସୂଚନା ଦେଇଥିଲେ। ବୈଠକରେ ଶିକ୍ଷା ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

### ଉଫୁନାର କାର୍ଯ୍ୟକାରୀ ବୈଠକ

**ଢେଙ୍କାନାଳ ଅଫିସ, ୨୫।୧୨:** ଢେଙ୍କାନାଳ ସହରସ୍ଥିତ ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ଉଫୁନାର କାର୍ଯ୍ୟକାରୀ ବୈଠକ ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିବିଆଇ ଜଜ୍ ଭିକାରି ଚରଣ ରାଉତ, ପୂର୍ବତନ ଜିଲାଜଜ୍ ଦୁର୍ଗା ଚରଣ ମିଶ୍ର ଯୋଗଦେଇ କହିଲେ, ସାମ୍ପ୍ରତିକ ସମୟରେ ଦେଶ ସଙ୍କଟମୟ ପରିସ୍ଥିତିରେ ଗତିକରୁଛି। ମଧବିତ୍ତ ପରିବାରର ଅର୍ଥନୀତି ଦୁର୍ବଳ ହେବାରେ ଲାଗିଛି। ଏହି ବର୍ଗ ଏକାଠି ହୋଇ ଆନ୍ଦୋଳନ କରିବାକୁ ଉଭୟେ ମତ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ଉପେନ୍ଦ୍ର ରାଉତ, ପୀତବାସ ସାହୁ, ପ୍ରଫେସର କ୍ଷୀରୋଦ ନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଡ. ଅଭିନନ୍ଦନ ପଟ୍ଟନାୟକ, ପ୍ରଫେସର ଦିଲୀପ ନନ୍ଦ, ଡ. ପ୍ରଦ୍ୟୁତ୍ ବେହେରା, ଡମ୍ବରୁଧର ପଣ୍ଡା, ନଜରୁଲ ଇସ୍ଲାମ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ୭୮ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନ, ୨୫।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ ଏବଂ ସ୍କାଉଟ୍ସ ଓ ଗାଇଡ୍ସର ମିଳିତ ଆନୁକୂଲ୍ୟରେ ଗୁରୁବାର ନୂଆଭୁବନ ନୋଡାଲ ହାଇସ୍କୁଲରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଜୟ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍ଏସିର ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାହୁ, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୌଦାମିନୀ ଦାସ, ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ, ଏବିଇଓ ରାଜଲକ୍ଷ୍ମୀ ଟୁଡୁ, ସୁମତୀ ପ୍ରଧାନ, ପୁଷ୍ପାଞ୍ଜଳି ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

### ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍ଘାଟିତ

**ଢେଙ୍କାନାଳ ଅଫିସ, ୨୫।୧୨:** ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍ସ୍ଥିତ ରତ୍ନମଣ୍ଡପରେ ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ସିଲେଇ ତାଲିମ କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ବିଧାୟକ ସୁଧୀର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୦ ସିଲେଇ ମେଶିନ ସମେତ କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ମୋନିକା ଶର୍ମା, ସୁଧାଂଶୁ କୁମାର ଦଳେଇ, ଇନ୍ଦ୍ରମଣି ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ସାମାଜିକ କର୍ମୀ ପ୍ରୋତିମା ସିହ୍ନା, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନନ୍ୟା ଦାସ, ସୌମ୍ୟା ମିଶ୍ର, ୟସ୍ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜୟନ୍ତୀରେ ବାଜପେୟୀଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ,୨୫।୧୨** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ ଶନିବାର ଭାଜପା ନଗରମଣ୍ଡଳ ପକ୍ଷରୁ ସଭାପତି ଅଜୟ କୁମାର ଭଞ୍ଜଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ତୈଳଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାଜପା ନେତା ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର, ମହାଦୀପ ଯଶୋବନ୍ତ ମହିମା, ଧ୍ରୁବଚରଣ ସ୍ୱାଇଁ, ସସ୍ମିତା ସାମଲ, ନୀରୋଦ ସାହୁ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ବାଜପେୟୀଙ୍କ ଜୀବନାଦର୍ଶ, ତାଙ୍କ ସମୟର ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

# ଜିରୋନାଇଟ୍ ସେଲିବ୍ରେଶନକୁ ନା

ଢେଙ୍କାନାଳ ଅଫିସ, ୨୫।୧୨



- ୨୯ ପୀଠ, ପର୍ଯ୍ୟଟନସ୍ଥଳୀରେ ୧୪୪ ଧାରା
- କଟକଣା ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଦ୍ରୁତଗତିରେ ମାଡ଼ିଚାଲିଛି ଓମିକ୍ରନ୍। ଓଡ଼ିଶାର ଶିଶୁଙ୍କୁ ସଂକ୍ରମିତ କଲାଣି ଏହି ମାରାତ୍ମକ ଭୂତାଣୁ। ଭୋଜିଭାତ, ସମାବେଶ, ଗହଳି ବଢ଼ିଲେ ସ୍ଥିତି ଅଣାୟତ୍ତ ହେବା ଆଶଙ୍କା ରହିଛି। ତେଣୁ ଯଥାସମ୍ଭବ ଭିଡ଼ ଏଡ଼ାଇବାକୁ ସତର୍କ କରାଇ ସାରିଲେଣି ବିଶେଷଜ୍ଞ। ବିଶେଷ କରି ଡିସେମ୍ବର ୩୧ ଜୀରୋନାଇଟ୍ ସେଲିବ୍ରେଶନ ଏବଂ ନୂଆବର୍ଷରେ ପର୍ଯ୍ୟଟନସ୍ଥଳୀ, ମଠମନ୍ଦିର ସମେତ ସର୍ବସାଧାରଣ ସ୍ଥାନରେ ଗହଳି ବଢ଼ିବା ସମ୍ଭାବନା ଥିବାରୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଡିସେମ୍ବର ୨୫ରୁ ଜାନୁୟାରୀ ୨ ଯାଏ ସାଂସ୍କୃତିକ ଓ ଧର୍ମୀୟ କାର୍ଯ୍ୟକ୍ରମ, ଜନସମାଗମକୁ ବାରଣ କରାଯାଇଛି। ତେଣୁ ଗତବର୍ଷ ଭଳି ଏଥର ମଧ ନୂଆବର୍ଷ ସେଲିବ୍ରେଶନ ଫିକା ପଡ଼ିବା ସ୍ପଷ୍ଟ ହୋଇଛି।

ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ପ୍ରଦତ୍ତ ରିପୋର୍ଟକୁ ଭିତ୍ତିକରି ଜିଲାପାଳ ସରୋଜ କୁମାର ସେଠୀ ନୂତନ ଗାଇଡ୍ଲାଇନ୍ ଜାରିକରିଛନ୍ତି। ତଦନୁଯାୟୀ ୨୯ ମଠମନ୍ଦିର ଏବଂ ପର୍ଯ୍ୟଟନସ୍ଥଳୀରେ ୧୪୪ ଧାରା ଜାରି କରାଯାଇଛି। ତନ୍ମଧ୍ୟରେ ପ୍ରଖ୍ୟାତ ଶୈବପୀଠ କପିଳାସ ଶ୍ରୀଚନ୍ଦ୍ରଶେଖରଜୀଉ, ଉନ୍ନକୋଟୀଶ୍ୱର, ସିଦ୍ଧଗଣେଶ, ଯୋରନ୍ଦା ମହିମାଗାଦି, ତପୋବନ, ଶ୍ରୀ ସିଦ୍ଧ ବଳରାମ, ସପ୍ତଶଯ୍ୟାସ୍ଥିତ ରାମଚନ୍ଦ୍ରଜୀଉ, ବଡ଼ନାଗେନା ନାଗନାଥେଶ୍ୱର, ଗଦାଧରପ୍ରସାଦ ପଣ୍ଡିମେଶ୍ୱର, ଆମ୍ବବାହାଲି ଦତ୍ତାତ୍ରେୟ ସାଇଆଶ୍ରମ, ନାଧରା ରାମଚଣ୍ଡୀ ଠାକୁରାଣୀ ଓ କନକେଶ୍ୱର, ଜୀବନଖୋଲ, ତେନ୍ତୁଳିସିଂହା ରାମେଶ୍ୱର, ହାଟୁଆରି କପିଳେଶ୍ୱର, ସିବୁଲାପଶି ସ୍ୱପ୍ନେଶ୍ୱର, ଭୁବନ ବୁଦ୍ଧେଶ୍ୱର, ରାମିଆଳ ନଦୀ ଅବବାହିକା, ଗୁଣ୍ଡିଚାନାଳୀ ନଦୀପଠା, କୁଆଲୋ ସ୍ୱପ୍ନେଶ୍ୱର ମହାଦେବ, ସରାଙ୍ଗ ଅନନ୍ତଶୟନ, ରଞ୍ଜାଗୋଳ ଶିମମନ୍ଦିର, ରକଲା କୁଣ୍ଡଳେଶ୍ୱର ଶିବମନ୍ଦିର, ମହାତଳା ମାତଳେଶ୍ୱର ମହାଦେବ, ସିଦ୍ଧେଶ୍ୱର ମହାଦେବ, ବ୍ରହ୍ମପୁରା ଅଲେଖ ମହିମା ଟୁଙ୍ଗୀ, ଚିଉଲପୁର ଉଗ୍ରେଶ୍ୱର ମହାଦେବ, ଦଣ୍ଡାଧର ଡ୍ୟାମ୍, ଦଦରାଘାଟି ଡ୍ୟାମ, ସାପୁଆ ଡ୍ୟାମ୍ ରହିଛି।

ଏସବୁ ପ୍ରମୁଖ ସ୍ଥାନଗୁଡ଼ିକ ଉପରେ କଡ଼ାନଜର ରଖିବାକୁ ସମ୍ପୃକ୍ତ ଉପଜିଲାପାଳ, ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଟକଣା ମଧ୍ୟରେ ଦେବକାର୍ଯ୍ୟ ଯଥାନୀତି ଚାଲିବ। ସରକାରୀ କର୍ମଚାରୀ, ଜରୁରୀ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ ଦେବୋତ୍ତର କର୍ମଚାରୀ, ସେବାୟତମାନେ କଟକଣାରୁ ମୁକ୍ତ ରହିବେ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।



## ବଡ଼ଦିନରେ ବଣଭୋଜି ବନ୍ଦ

କରୋନା କଟକଣା ପାଇଁ ଢେଙ୍କାନାଳ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ବଣଭୋଜି ବନ୍ଦ କରାଯାଇଛି। ଫଳରେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା, କପିଳାସ ପାଦଦେଶ ଏବଂ ଶୈବପୀଠ ପର୍ଯ୍ୟଟକଙ୍କ ବିନା ଖାଁ ଖାଁ ହୋଇପଡ଼ିଥିଲା। ପର୍ଯ୍ୟଟନସ୍ଥଳୀ ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କ ଦର୍ଶନରୁ ବଞ୍ଚିତ ପର୍ଯ୍ୟଟକମାନେ କପିଳାସ ଜୁ'ରେ ଦିନ ବିତାଇଥିଲେ। ଗଁଦିଆ ପୋଲିସ, ଦେବୋତ୍ତର ବିଭାଗ କର୍ମଚାରୀ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରିଥିଲେ। ପୂର୍ବାହ୍ନରେ ପର୍ଯ୍ୟଟକମାନେ ସପ୍ତଶଯ୍ୟା ବୁଲିବାକୁ ଯାଇଥିବା ବେଳେ ସେମାନଙ୍କୁ ଫେରାଇ ଦିଆଯାଇଥିଲେ। ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ସରକାରୀ ଗାଇଡ୍ଲାଇନ୍ କଡ଼ାକଡ଼ି ପାଳନ କରାଯାଉଥିବା ସରପଞ୍ଚ ଯେଶସ ସାହୁ, ସଦର ଥାନାଧିକାରୀ ଅଭିନବ ଡାଲୁଆ, ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଜାତିସଂଘ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ ଅଫିସ, ୨୫।୧୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜରେ ଶୁକ୍ରବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଜାତିସଂଘ, ଏହାର ଭୂମିକା ଏବଂ ଅନ୍ତର୍ଜାତୀୟ ଶାନ୍ତି' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ କହିଲେ, ନିରାପତ୍ତା ପରିଷଦ ହେଉଛି ମିଳିତ ଜାତିସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା। ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଏହାଦ୍ୱାରା ସମ୍ଭବ। ବିଭାଗୀୟ ମୁଖ୍ୟ ପ୍ରାଧାପିକା ଡ. ମାନସୀ କର କହିଲେ, ବିଶ୍ୱଶାନ୍ତି ପ୍ରତିଷ୍ଠାରେ ଜାତିସଂଘ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅରୂପଜ୍ୟୋତି ସାହୁ, ଛାତ୍ରୀ ରତ୍ନପ୍ରଭା ସାହୁ, ପୂର୍ଣ୍ଣିମା ଦାସ, ଅର୍ଚ୍ଚିତା ଜେନା, ଲୋପାମୁଦ୍ରା ସାହୁ, ଶୁଭଶ୍ରୀ ସାହୁ, ଅର୍ଘ୍ୟ ନାୟକ, ସି.ପି. ମହାପାତ୍ର, ଶାନ୍ତନୁ ସାହୁ, ପ୍ରିୟଙ୍କା ସାହୁ ସନ୍ଦର୍ଭ ପାଠ କରିଥିଲେ। ଅଧାପକ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## କୃଷି ଉପରେ ଆଲୋଚନା



ଢେଙ୍କାନାଳ ଅଫିସ, ୨୫।୧୨

କାମାକ୍ଷାନଗର ବ୍ଲକ କୁସୁମଯୋଡ଼ିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଏବଂ କୃଷି ବିଭାଗର ମିଳିତ ସହଯୋଗରେ ଗୁରୁବାର କୃଷକ ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଶାଖା ପରିଚାଳିକା ବ୍ରହ୍ମାକୁମାରୀ ଉଷା ଯୋଗଦେଇ ସକାରାତ୍ମକ ମନୋଭାବ ରଖି ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଜିଲା ଉଦ୍ୟାନ ବିଭାଗର ଗାୟତ୍ରୀ ପାଢ଼ୀ ମହିଳା ଚାଷୀଙ୍କୁ ଉତ୍ସାହିତ କରାଇଥିଲେ। ବ୍ରହ୍ମାକୁମାରୀ ଝରଣା, ଲୀଳାବତୀ ଉପସ୍ଥିତ ଥିଲେ।

## ବଡ଼କମର-ଖଡ଼ଗପ୍ରସାଦ ସେତୁ ଶିଳାନ୍ୟାସ

ପରଜଙ୍ଗ, ୨୫।୧୨(ଡି.ଏନ୍.ଏ.)



ମନ୍ତ୍ରୀ ସେତୁ ନର୍ମାଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବହୁ ପ୍ରତୀକ୍ଷିତ ବଡ଼ମକର-ଖଡ଼ଗପ୍ରସାଦ ସେତୁ ନିର୍ମାଣ ଲାଗି ଶନିବାର ଶୁଭ ଦିଆଯାଇଛି। ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାର ଶିଳାନ୍ୟାସ କରିଛନ୍ତି। ୧ କିମି ୧୭୯ ମିଟର ଦୀର୍ଘ ଏହି ବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ମୂଲ୍ୟ ମୋଟ୍ ୧୧୪ କୋଟି ୯୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ତେବେ ହାଇଦ୍ରାବାଦର ଏକ କମ୍ପାନୀ ୮୧ କୋଟି ୫୮ ଲକ୍ଷ ଟଙ୍କାରେ ଏହାର ଟେଣ୍ଡର କାର୍ଯ୍ୟ ହାତକୁ ନେଇଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେତୁ ବ୍ୟତୀତ ଉଭୟ ପାର୍ଶ୍ୱରେ ୩୦୦ ମିଟର ଲେଖାଏ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଯିବ। ଏହାଦ୍ୱାରା ପରଜଙ୍ଗ-ଢେଙ୍କାନାଳ ମଧ୍ୟରେ ଦୂରତା ୪୫ କିଲୋମିଟର ହ୍ରାସ ପାଇବ। ପରଜଙ୍ଗ-ହିନ୍ଦୋଳ ବ୍ଲକ ମଧ୍ୟରେ ଦୂରତା କମିବ। ଏଥିସହ ୫୩ନଂ. ଜାତୀୟ ରାଜପଥରୁ ୫୫ନଂ. ଜାତୀୟ ରାଜପଥ ସିଧାସଳଖ ଯୋଡ଼ିହେବ। ଏହି ସେତୁ ପରଜଙ୍ଗ, ହିନ୍ଦୋଳ ବ୍ଲକର ସାମାଜିକ, ଅର୍ଥନୈତିକ ବିକାଶରେ ବଡ଼ ଭୂମିକା ଗ୍ରହଣ କରିବ। ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବା ଏଥିଲାଗି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ଉପାଧକ୍ଷ ବିଳାସିନୀ ସେଠୀ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡ଼ି ସଭାପତି ସୁବ୍ରତ ଦାସ, ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ, ଯୁବନେତା ଆସିତ୍ ରାୟଚୌଧୁରୀ, ସୁପରିଟେଣ୍ଡିଂ ଇଞ୍ଜିନିୟର ମନୋରଞ୍ଜନ ବିଶ୍ୱାଳ, ଢେଙ୍କାନାଳ ଡିଭିଜନ ଏକ୍ଜିକ୍ୟୁଟିଭ୍ ପ୍ରତାପ ଚନ୍ଦ୍ର ହରିପାଳ, ପରଜଙ୍ଗ ସେକ୍ସନ ସହକାରୀ ଯନ୍ତ୍ରୀ ଦୀନେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରଜନାଥଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ଶ୍ରୀବଳରାମ ମନ୍ଦିର ନିକଟ ପାର୍କରେ ଥିବା ସମରକବି ବ୍ରଜନାଥ ବଡଜେନାଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ ହୋଇପଡ଼ିଛି। ପ୍ରତିମୂର୍ତ୍ତି ଧୂଳିମାଟିରେ ପରିପୂର୍ଣ୍ଣ ହୋଇପଡ଼ିଥିବା ଏହି ପ୍ରତିମୂର୍ତ୍ତିକୁ ଶନିବାର ଥିଙ୍କର୍ସ ଫୋରମ୍ ପକ୍ଷରୁ ସଫା କରାଯାଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ସହର ପ୍ରବେଶ ପଥର କଲେଜ ବାଇପାସସ୍ଥିତ ପାର୍କରେ ବ୍ରଜନାଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଏହି ପାର୍କକୁ ଭାଙ୍ଗି ଦିଆଯାଇଥିଲା। ଫଳରେ ବଳରାମ ମନ୍ଦିର ନିକଟ ଟ୍ରଷ୍ଟ ପକ୍ଷରୁ ନିର୍ମିତ ବହୁ ପୁରାତନ ଅବହେଳିତ ପାର୍କରେ ପ୍ରତିମୂର୍ତ୍ତିକୁ ରଖାଯାଇଛି। ତେବେ ଢେଙ୍କାନାଳ ମାଟିର ଗର୍ବ ଓ ଗୌରବ ଭାବେ ପରିଚିତ ସମରକବିଙ୍କ ସ୍ମୃତିରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ତେଣୁ ଉକ୍ତ ପ୍ରତିମୂର୍ତ୍ତି ଅବହେଳିତ ହୋଇପଡ଼ିଛି। ଏହାକୁ ନେଇ ଥିଙ୍କର୍ସ ଫୋରମ୍ ସଭାପତି ସୌମେନ୍ଦୁ ଶତପଥୀ, ଉପସଭାପତି ନିମାଇଁ ଚରଣ ସାହୁ, ଦେବୀ ପ୍ରସନ୍ନ ପାଣି, ବୈକୁଣ୍ଠ ନାଥ ଦ୍ୱିବେଦୀ, ବିଶ୍ୱଜିତ ବରାଳ, ବିନୋଦ ମଲ୍ଲିକ, ରାମଚନ୍ଦ୍ର ଦେବତା, ଭୋଜରାଜ ସାହୁ, ମାନସ ରଥ ପ୍ରମୁଖ କ୍ଷୋଭବ୍ୟକ୍ତ କରିଛନ୍ତି। ଉକ୍ତ ପ୍ରତିମୂର୍ତ୍ତି ଏବଂ ପାର୍କର ରକ୍ଷଣାବେକ୍ଷଣ ଲାଗି ପୌର ପ୍ରଶାସନ ଓ ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ ଦାବି କରିଛନ୍ତି।



ବ୍ରଜନାଥଙ୍କ ପ୍ରତିମୂର୍ତ୍ତି ସଫେଇରେ ସାମିଲ ହୋଇଥିବା ଫୋରମ୍ର କର୍ମକର୍ତ୍ତାମାନେ।

## ଦୁର୍ଘଟଣାରେ ଯୁବକ ମୃତ

ଢେଙ୍କାନାଳ ଅଫିସ,୨୫।୧୨

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସଦେଇବେରେଣୀ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୧ଟାରେ ଟ୍ରକ୍ ଧକ୍କାରେ ବିନୋଦ ବେହେରା (୩୮)ଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ରାସ୍ତାକାମ ଚାଲିଥିବାବେଳେ ବିନୋଦ ଦେଖୁଥିଲେ। ଏହି ସମୟରେ ଉକ୍ତ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସଦର ଥାନା ଏବଂ ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବିନୋଦଙ୍କ ଘର କଟକ ଜିଲା ହରିହରପାଟଣା ଅଞ୍ଚଳରେ। ଏ ସଂକ୍ରାନ୍ତରେ ନଂ. ୬୫୪/୨୧ରେ ଏକ ମାମଲା ରୁଜୁ ହୋଇଛି।

## ଧବଳଗିରି ଚାମ୍ପିୟନ୍



ଚାମ୍ପିୟନ ଧବଳଗିରି ଦଳର ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ଜିଲା ଯୋରନ୍ଦା ମହାବୀର କପ୍ କ୍ରିକେଟ ପକ୍ଷରୁ ଆୟୋଜିତ ପ୍ରକାଶହରି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ରେ କଟକ ସ୍ମାଇଲ୍ ଏକାଦଶକୁ ୩୫ ରନ୍ରେ ହରାଇ ଯାଜପୁର ଧବଳଗିରି ଚାମ୍ପିୟନ ହୋଇଛି। ଧବଳଗିରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୬୨ରନ୍ କରିଥିଲା। ପ୍ରଦୀପ ରାଉତ ୫୫ ବଲ୍ରୁ ବିସ୍ଫୋରକ ୧୪୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ସ୍ମାଇଲ ଏକାଦଶ ୮ ଉଇକେଟରେ ୨୨୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ସୁଶୀଲ ୩୬ ବଲରୁ ୮୫ ରନ୍ କରିଥିଲେ ହେଁ ତାହା ଦଳକୁ ଜିତାଇବାରେ ଯଥେଷ୍ଟ ହୋଇ ନ ଥିଲା। ଚାମ୍ପିୟନ ଦଳର ପ୍ରଦୀପ 'ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ୍ ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ସନ୍ଦୀପ ଚାନ୍ଦ ଶ୍ରେଷ୍ଠ ବୋଲର, ସବ୍ୟସାଚୀ ସାହା ଶ୍ରେଷ୍ଠ ଅମ୍ପାୟର ଭାବେ ପୁରସ୍କୃତ ହୋଇଥିଲେ। ଭବାନୀ ପାତ୍ର, ଅଗ୍ନିଦୀପ ନାୟକ, ମହିମା ପ୍ରସାଦ ସାହୁ, କୁନା ପୁହାଣ ମ୍ୟାଚ ପରିଚାଳନା କରିଥିଲେ।

ଉଦ୍ଯାପନୀ ସମାରୋହରେ ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ପଞ୍ଚାନନ ସ୍ୱାଇଁ, ପ୍ରଦୀପ ସାହୁ, ଆରତି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଯିଶୁଙ୍କ ଜନ୍ମବାର୍ଷିକୀ ମହୋତ୍ସବ

**ଆଠମଲ୍ଲିକ,୨୫।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଖ୍ରୀଷ୍ଟୀୟ ମିଳିତମଞ୍ଚ ବନ୍ଧୁପାଲି ପକ୍ଷରୁ ଶନିବାର ଯିଶୁଖ୍ରୀଷ୍ଟଙ୍କ ଜନ୍ମବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ଆଇନଜୀବୀ ଜିତେନ ମୁଖୀ, ଆଚାର୍ଯ୍ୟ ପାଳକ, ପ୍ରତାପ ଚଳା, ବସନ୍ତ କୁମାର ନନ୍ଦ, ଆଶିଷ କୁମାର ପ୍ରଧାନ, ଅନନ୍ତ ସୁନା, ଗୌତମ ବେହେରା ଯୋଗଦେଇ ଯିଶୁଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା, ବିପିନ ମୁଖୀ, ଅନ୍ତର୍ଯ୍ୟାମୀ ନାଏକ, ବନ୍ଧୁଚରଣ ବେହେରା, ଗୟା ନାଏକ, ପ୍ରଦ୍ୟୁମ୍ନ ବେହେରା, ଏକାଦଶୀ ନାଏକ ଓ ଅମର ବେହେରା ଯୋଗ ଦେଇଥିଲେ। ବ୍ଲକ ଅଞ୍ଚଳର ୨୫ ଜଣ ବୃଦ୍ଧାବୃଦ୍ଧଙ୍କୁ ଅତିଥିମାନଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ରଞ୍ଜନ କୁମାର ବେହେରା, ଉଗ୍ରସେନ ବେହେରା ଓ ସଲମାନ ଖାନ ପରିଚାଳନା କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ଢେଙ୍କାନାଳ ଅଫିସ, ୨୫।୧୨

ଢେଙ୍କାନାଳ ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ତିଳପଦା ଏବଂ ନାଠୁଆ ଗ୍ରାମର ଅସହାୟ ଲୋକଙ୍କୁ କମ୍ବଳ ସହିତ ମାସ୍କ ବଣ୍ଟନ କରାଯାଇଛି। କ୍ଲବ ସଦସ୍ୟ ରଶ୍ମିରଞ୍ଜନ ପାଢୀ, ସଭାପତି ସନାତନ ରାଉତ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ବେଣୁଧର ରାଉତ, ବିଶ୍ୱଜିତ ମହାରଣା, ଗୋଲକ ନାଥ ପ୍ରମୁଖ ସହଯୋଗ କରିଥିଲେ। ଶୀତଦିନେ ଗରିବ ଅସହାୟଙ୍କୁ ଅନୁଷ୍ଠାନ ପକ୍ଷରୁ ଏଭଳି ସହାୟତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଭୁବନେଶ୍ୱରକୁ ହରାଇଲା କେନ୍ଦୁଝର

**ଭୁବନ, ୨୫।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ୩ୟ ଲିଗ୍ ମ୍ୟାଚ୍ରେ ଭୁବନେଶ୍ୱର ୟୁନାଇଟେଡ୍ କର୍ପୋରେଟ କ୍ରିକେଟ ଦଳକୁ ହରାଇ କେନ୍ଦୁଝର ୟୁନିକ୍ କ୍ରିକେଟ ଏକାଡେମୀ ବିଜୟୀ ହୋଇଛି। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚ୍ରେ କେନ୍ଦୁଝର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୪.୧ ଓଭରରେ ୧୬୭ ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲା। ଜବାବରେ ଭୁବନେଶ୍ୱର ୧୬.୩ ଓଭରରେ ମାତ୍ର ୮୩ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ବ୍ୟକ୍ତିଗତ ଭାବେ ୩୨ ରନ୍ କରିବା ସହିତ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ମଳୟ ସାହୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ବିପିନ ବିହାରୀ ସେଠୀ, ଶିବସୁନ୍ଦର ସେନାପତି ଅମ୍ପାୟରିଂ କରିଥିବାବେଳେ ବିପିନ ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ।




ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ବସ୍ଷ୍ଟାଣ୍ଡ ପାଇଁ ବଜାର ଉଚ୍ଛେଦ

**ପରଜଙ୍ଗ, ୨୫।୧୨(ଡି.ଏନ୍.ଏ.)**

### ପାତରଅନ୍ତର ଅଭିଯୋଗ, ତୀବ୍ର ଉତ୍ତେଜନା



ପ୍ରଶାସନ ପକ୍ଷରୁ ଦୋକାନ ଉଚ୍ଛେଦ କରାଯାଉଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବଜାରରେ ବସ୍ଷ୍ଟାଣ୍ଡ ନିର୍ମାଣ ଲାଗି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ପୂର୍ବରୁ ଏଥିଲାଗି ନୋଟିସ୍ ଜାରି କରାଯାଇଥିବାବେଳେ ଶନିବାର ବିଧିବଦ୍ଧ ଭାବେ ଦୋକାନ ଭଙ୍ଗାଯାଇଛି। ତେବେ କ୍ଲବ ନାମରେ ଚାଲିଥିବା ଦୁଇମହଲା ବିଶିଷ୍ଟ ଏକ ବଡ଼ ଦୋକାନକୁ ଉଚ୍ଛେଦରୁ ବାଦ୍ ଦେବାକୁ ପ୍ରଶାସନ ମସୁଧା କରୁଥିବା ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ୪ ଘଣ୍ଟାର ବୁଝାଶୁଝା ପରେ ଦୋକାନ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପରଜଙ୍ଗର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ମୁଖ୍ୟ ବଜାରର ଗୋଟିଏ ପାର୍ଶ୍ୱରେ ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ୨୪ ତାରିଖ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ସରକାରୀ ଛୁଟି ସତ୍ତ୍ୱେ ତହସିଲଦାର ଖଗେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ସଞ୍ଜୟ ମାଝି, କାମାକ୍ଷାନଗର ଆଇଆଇସି ସୁନୀଲ କୁମାର କର, ପରଜଙ୍ଗ ଥାନାର ପୋଲିସ ଫୋର୍ସ ଶନିବାର ସକାଳେ ବଜାର ଭାଙ୍ଗିବା ପାଇଁ ଜେସିବି ନେଇ ଆସିଥିଲେ। ଅନ୍ୟ ସମସ୍ତ ଦୋକାନୀ ପୂର୍ବରୁ ସାମଗ୍ରୀ ଖାଲି କରିଦେଇଥିବାବେଳେ କ୍ଲବ ନାମରେ ଚାଲିଥିବା ଦୋକାନର ଜିନିଷ ଖାଲି କରି କରାଯାଇ ନ ଥିଲା। ଉକ୍ତ ଦୋକାନକୁ ଉଚ୍ଛେଦ ପ୍ରକ୍ରିୟାରୁ ବାଦ୍ ଦେବାକୁ ପ୍ରଶାସନ ମସୁଧା କରୁଥିବା ଅନ୍ୟ ବ୍ୟବସାୟୀମାନେ ଅଭିଯୋଗ ଆଣିଥିଲେ। ଫଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ୪ଘଣ୍ଟା ଧରି ବୁଝାଶୁଝା କରିବା ପରେ ସମ୍ପୃକ୍ତ ଦୋକାନୀ ସାମଗ୍ରୀ ବାହାର କରିଥିଲେ। ଏହାପରେ ଦୋକାନ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। କ୍ଲବର ଅବଶିଷ୍ଟ ଅଂଶ ରବିବାର ଭଙ୍ଗା ନ ଗଲେ ରାସ୍ତାରୋକୋ କରାଯିବ ବୋଲି ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଉଚ୍ଛେଦ ପରେ ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପରିବାର ରୋଜଗାର ହରାଇଛନ୍ତି। ତୁରନ୍ତ ସେମାନଙ୍କୁ ଥଇଥାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବଣିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ନିଆଁ ଲାଗି ମହିଳା ଗୁରୁତର

ଛେଣ୍ଡିପଦା,(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ହାଣ୍ଡିଗୋଡା ଗ୍ରାମର ଅଶୋକ ମାଝିଙ୍କ ସ୍ତ୍ରୀ ସଞ୍ଜୁ ମାଝି (୨୫) ରୋଷେଇ ବେଳେ ନିଆଁ ଲାଗି ଗୁରୁତର ହୋଇଛନ୍ତି। ସଞ୍ଜୁ ବିଲରୁ କାମ ସାରି ଘରେ ରୋଷେଇ କରୁଥିବାବେଳେ ଲୁଗାରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୫।୧୨- ଅନୁଗୋଳ ଜିଲାରୁ ଶନିବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତମାନେ ତାଳଚେର ବ୍ଲକ ଅଞ୍ଚଳର। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଘରେ ସଙ୍ଗରୋଧରେ ରଖାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଦିନକରେ ଜିଲାରୁ କରୋନାରୁ ଜଣେ ସୁସ୍ଥ ହୋଇଛନ୍ତି।

### ମାଂସ ଜବତ, ଶିକାରୀ ଗିରଫ



ବଇଣ୍ଡା,୨୫।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ତଲେଇପଥର ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ୬୦ କେଜି ବାର୍ହା ମାଂସ ଜବତ କରାଯାଇଛି। ଏଥିସହ ତାଳମଲିହା ଗ୍ରାମର ରଞ୍ଜନ ପ୍ରଧାନଙ୍କୁ ଗିରଫ କରାଯାଇଛି। ବନ ବିଭାଗ କହିଛି, ରଞ୍ଜନ ତଲେଇପଥର ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ବାର୍ହା ଶିକାର କରି ମାଂସ ବିକ୍ରି ପାଇଁ ନେଉଥିବା ବେଳେ ଫରେଷ୍ଟର ସୁବ୍ରତ ଶତପଥୀ, ଗାର୍ଡ ସବିତା ବାଘ, ଅଞ୍ଜଳି ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

### ଆକ୍ରମଣରେ ଜଣେ ଗୁରୁତର

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପାଟକୁମୁଣ୍ଡା ଗ୍ରାମରେ ବେଙ୍ଗଳା ମେଶିନରୁ ପାଳଗୁଣ୍ଡ ଉଡିବାକୁ ନେଇ ପଡ଼ୋଶୀଙ୍କ ଭୁଜାଲି ଆକ୍ରମଣରେ ସୌଭାଗ୍ୟ ପ୍ରଧାନ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ପୁଅ ବିକାଶ ପ୍ରଧାନ ଓ ପୁତୁରା ତରୁଣ ପ୍ରଧାନ ଆହତ ହୋଇଛନ୍ତି। ପଡ଼ୋଶୀ ଦୁଃଖିଆ ସେଠୀଙ୍କ ପରିବାର ସହ ବିବାଦ ଥିବାବେଳେ ପାଳଗୁଣ୍ଡ ଉଡ଼ିବାକୁ ନେଇ ଦୁଃଖିଆ, ତାଙ୍କ ନାତି ସୋମନାଥ ସେଠୀ ଓ ସୁଶାନ୍ତ ସେଠୀ ଆକ୍ରମଣ କରିଥିବା କୁହାଯାଇଛି। ଅପରପକ୍ଷରେ ସୌଭାଗ୍ୟ, ତାଙ୍କ ପୁଅ ବିକାଶ ଓ ସ୍ତ୍ରୀ ବିଶାଖା ପ୍ରଧାନ ଗାଳିଗୁଲଜ କରିଥିବା ନେଇ ଅଭିଯୁକ୍ତ ସୁଶାନ୍ତ ସେଠୀଙ୍କ ବାପା ଅର୍ଜୁନ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାହେବା ବେଳକୁ ଗୁରୁତରଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିଲା।

### କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ

ଆଠମଲ୍ଲିକ,୨୫।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀଠାରେ ଶୁକ୍ରବାର ଭତ୍ତା ବଣ୍ଟନ ବେଳେ ଚତୁର୍ଭୁଜ ପ୍ରଧାନ (୪୫) ବ୍ଲକ କନିଷ୍ଠଯନ୍ତ୍ରୀ ଗୋଲଟିସ୍ୟାମ୍ପମୂର୍ତ୍ତି ଆଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ପରେ ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଚତୁର୍ଭୁଜଙ୍କୁ ଗିରଫ କରିଛନ୍ତି। ନମ୍ବର ୨୨୩/୨୧ରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୨୫।୧୨(ଡି.ଏନ.ଏ.)- ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୫୧ ଲିଟର



ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ପାପସରା ଗ୍ରାମର ଜମ୍ବିଳା ପ୍ରଧାନଙ୍କ ଘରୁ ୧୬ ଲିଟର, କିଶୋରନଗର ଥାନା ବଏଜା ଗ୍ରାମର ଯାତ୍ରୀ ମିର୍ଦ୍ଧାଙ୍କ ଘରୁ ୧୫ ଲିଟର ଓ ରାମଚନ୍ଦ୍ରପୁର ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

### ଦୁର୍ଘଟଣାଗ୍ରସ୍ତଙ୍କ ମଧ୍ୟରୁ ୨ ମୃତ

ବଇଣ୍ଡା,୨୫।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ହଣ୍ଡପା ଥାନା କଣ୍ଟାଳ ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ କଣ୍ଟାବଣିଆ ଥାନା ଜୋରାଗାଡ଼ିଆ ଗ୍ରାମର ହିମାଂଶୁ ଶେଖର ସାହୁ ଓ ବଆଁରପାଳ ଥାନା କାଣ୍ଡସର ଗ୍ରାମର ଅମିତ ସିଂହ। ଶକ୍ତି ଗଡ଼ନାୟକ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନେ ନାକିଚିରୁ ଉରୁକୁଳା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପୋଲିସ ନଂ. ୩୧୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩ ମାସରେ ୪ ହାତୀଙ୍କ ମୃତ୍ୟୁ

ପାଲଲହଡ଼ା,୨୫।୧୨(ଡି.ଏନ.ଏ.)



ପାଲଲହଡ଼ା ବନାଞ୍ଚଳରେ ମରିଥିବା ଏକ ହାତୀ।

ଅନୁଗୋଳ ଜିଲାରେ ହାତୀ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। କେତେବେଳେ ବିଦ୍ୟୁତ୍ ଆଘାତରେ ଗଜରାଜଙ୍କ ଜୀବନ ଯାଉଛି ତ ଆଉ କେବେ ଆବଶ୍ୟକ ଚିକିତ୍ସା ଅଭାବରୁ ଆହତ ହାତୀ ମୃତ୍ୟୁମୁଖରେ ପଡୁଛି। ଦେବଗଡ଼ ବନଖଣ୍ଡ ଅଧୀନ ପାଲଲହଡ଼ା ଉପଖଣ୍ଡରେ ଥିବା ପାଲଲହଡା ଏବଂ ଖମାର ବନାଞ୍ଚଳରେ ଗତ ୩ ମାସ ମଧ୍ୟରେ ୪ଟି ହାତୀ ଏପରି ଭାବେ ଜୀବନ ହରାଇଥିବା ସୂଚନା ମିଳିଛି। ବନ ବିଭାଗ ସୁରକ୍ଷା ଦେଇପାରୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢୁଥିବା ଅଭିଯୋଗ ହେଉଛି।

ଗତ ସେପ୍ଟେମ୍ବର ୧୧ରେ ଖମାର ବନାଞ୍ଚଳ ରଜଡଙ୍ଗ ପଞ୍ଚାୟତ ବଦଗୁଣ୍ଡ ଜଙ୍ଗଲରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡି ଏକ ଦନ୍ତା ହାତୀ ପ୍ରାଣ ହରାଇଥିଲା। ନଭେମ୍ବର ୨୩ରେ ପାଲଲହଡା ବନାଞ୍ଚଳ

### ସୁରକ୍ଷା ଦେଇପାରୁନି ବନବିଭାଗ

ଜୋକପାଣି ଗ୍ରାମ କୋଲ୍ହସାହି ନିକଟ ଜଙ୍ଗଲରୁ ଏକ ଦନ୍ତା ହାତୀ ମୃତଦେହ ଜବତ କରାଯାଇଥିଲା। ସେହିପରି ଗତ ୧୫ ତାରିଖରେ ଖମାର ବନାଞ୍ଚଳ ଖେମଲା ପଞ୍ଚାୟତ ରାମହୁଳି ଜଙ୍ଗଲରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଛୁଆ ହାତୀର ମୃତ୍ୟୁ ହୋଇଥିଲା। ଶନିବାର ମରିଥିବା ଆଉ ଏକ ହାତୀକୁ ନେଇ ୩ ମାସ ମଧ୍ୟରେ ୪ଟି ହାତୀର ମୃତ୍ୟୁ ହୋଇସାରିଛି। ହାତୀଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏହି ଦୁଇ ବନାଞ୍ଚଳରେ ୨ଟି ସ୍ୱତନ୍ତ୍ର ଗାଡି ଓ ୫ ଜଣ ଲେଖାଏ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କିନ୍ତୁ ହାତୀକୁ ସୁରକ୍ଷା ମିଳିପାରୁ ନାହିଁ। ଏ ସମ୍ପର୍କରେ ଦେବଗଡ଼ ଡିଏଫଓ ମଗନ ଧନଜି ରାଓସୋଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

# ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା

ଅନୁଗୋଳ ଅଫିସ, ୨୫।୧୨

ଜଙ୍ଗଲ ସମେତ ସମସ୍ତ ପ୍ରାକୃତିକ ସମ୍ପଦ ଓ ଶକ୍ତିର ଅପ ବ୍ୟବହାର ଏବଂ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଦେଖାଦେଇଥିବା ଜଳବାୟୁ ପରିବର୍ତ୍ତନ ଜୀବନଯାପନକୁ କଷ୍ଟସାଧ କରିଦେଇଛି। ବର୍ତ୍ତମାନର ପିଢି ଚାହିଁଲେ ଏହି ପରିବର୍ତ୍ତନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିପାରିବେ ବୋଲି ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସଚେତନତା ଶିବିରରେ ମତ ପ୍ରକାଶ ପାଇଛି। ବ୍ରଜମୋହନ ଉଚ୍ଚ ବିଦ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ, ଦିବାକର ଅମାନ୍ତ, ତରଣୀସେନ ସାହୁ, ମଦନ ସୁନ୍ଦର ସାହୁ, ମନୋଜ କୁମାର ସାହୁ ଓ ସୁବ୍ରତ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଧାମୋହନ ସାହୁ ଏବଂ ରାଜେଶ ରଞ୍ଜନ ସାହୁ ସହଯୋଗ କରିଥିଲେ।




ସାଥୀ ପରିବାର ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ଶିକ୍ଷାନୀତି କର୍ମଶାଳା ଉଦ୍‌ଯାପିତ



ବଇଣ୍ଡା,୨୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଚାଲିଥିବା ସଂକୁଳ ସ୍ତରୀୟ ଜାତୀୟ ଶିକ୍ଷାନୀତି କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂକୁଳ ସଂଯୋଜକ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଶରତ ଚନ୍ଦ୍ର ସେଠୀ, ବିଦ୍ୟାଳୟ ସଭାପତି ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୬୨ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ରୁଦ୍ରମୋହନ ହୋତା, ସୁଶ୍ରୀ ସୁଫଳା ବେହେରା,ଜ୍ୟୋସ୍ନାରାଣୀ ପ୍ରଧାନ, ସବିତା ମହାକୁଡ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସଚିତାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ,୨୫।୧୨

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ମହିଳା ଏବଂ ଶିଶୁ ବିପଦରେ ଥିବା ଦର୍ଶାଇ ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଦୈନିକ ୪ ବଳାତ୍କାର, ୬ ମହିଳାଙ୍କୁ ଅପହରଣ କରାଯାଉଥିବା ବେଳେ ୫ ବର୍ଷରେ ୨୭ ହଜାର ଶିଶୁ ନିଖୋଜ ହୋଇଛନ୍ତି। ତେଣୁ ମହିଳା ଏବଂ ଶିଶୁଙ୍କ ଉପରେ ହେଉଥିବା ଅପରାଧ ରୋକିବାକୁ ସ୍ୱତନ୍ତ୍ର ପ୍ରକୋଷ୍ଠରେ ଅଫିସର ନିଯୁକ୍ତି, ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର କରିବା, ମମିତା ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ସ୍ମାରକପତ୍ରରେ ଦର୍ଶାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ସୁଚିସ୍ମିତା ତ୍ରିପାଠୀ, ସୁଜାତା ଦାସ, ଅର୍ପଣା ସାହୁ, ରୋଜାଲୀନ ଦାସ, ନିରୋଜ ନଳିନୀ ମହାଳିକ, ସଂଯୁକ୍ତା ମହାରଣା, ରିତାରାଣୀ ସାମନ୍ତ, ସରିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଗଣିତ ଦିବସ

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବଡମହିତଳାସ୍ଥିତ ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ସମସ୍ତ ଛାତୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଏହିଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ପରୀକ୍ଷା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆରତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ନାଲ୍‌କୋ ଘରୋଇକରଣକୁ ବିରୋଧ ନିଷ୍ପତ୍ତି




କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଶ୍ରମିକ ନେତାମାନେ।

ବଆଁରପାଳ,୨୫।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ହିନ୍ଦ୍ ମଜଦୁର ସଭାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସଭାପତି ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ନାଲ୍‌କୋନଗରସ୍ଥିତ କାମାଗାର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କ, ଠିକା ଶ୍ରମିକଙ୍କ ସମସ୍ୟାର ସମାଧାନ, ସଙ୍ଗଠନର ଉନ୍ନତି, କାରଖାନାର ସୁରକ୍ଷା ସହିତ ନାଲ୍‌କୋର ଘରୋଇକରଣ ମସୁଧା ବିରୋଧରେ ଆଗାମୀ ଦିନରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଚ୍ଏମ୍ଏସ୍‌ର ପଞ୍ଚାନନ ସେନାପତି, ଅରେନ କୁମାର ପାଣି, ଏନ୍ଏନ୍ଇୟୁର ରତ୍ନାକର ପରିଡା, ନିର୍ମଳ ଚନ୍ଦ୍ର ଶତପଥୀ, ନେପୁର ମାଙ୍ଗିଲାଲ ସାମଲ, ବୈରାଗୀ ସେଠ, ନାଲ୍‌କୋ ନିର୍ମାଣ ମଜଦୁର ସଭାର ପ୍ରଶ୍ନ ମହାନ୍ତି, ଭୀମସେନ ସାହୁ, ନାଲ୍‌କୋ ଶ୍ରମିକ ସଭାର ବାବୁଲି ସେଠୀ, ଟାଟା ଶ୍ରମିକ ସଭାର ପବିତ୍ର ବିଶ୍ୱାଳ, ଜିନ୍ଦଲ ମଜଦୁର ସଭାର ସଂସାର ପ୍ରଧାନ, ହିଙ୍ଗୁଳା ଓପନ କାଷ୍ଟର ଅଭୟ କୁମାର ଗଡ଼ନାୟକ, ବସନ୍ତ କୁମାର ସାମଲ, ଏମ୍‌ସିଏଲ୍‌ର ଏଚ୍ଏମ୍ଏସ୍ ସାଧାରଣ ସମ୍ପାଦକ ଶଙ୍କର ପ୍ରାସାଦ ବେହେରା, ସମୃଦ୍ଧି ଭାରତ ନିର୍ମାଣ ମଜଦୁର ସଂଘର ଯାଜ୍ଞସେନ ପଣ୍ଡା, ଏମ୍‌ଜିଏମ୍ ଷ୍ଟିଲର ବିଜୟ କୁମାର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

ଆଠମଲ୍ଲିକ,୨୫।୧୨(ଡି.ଏନ.ଏ.)

ଆଠମଲ୍ଲିକ ରୋଗୀ କଲ୍ୟାଣ ସମିତି ଓ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ପରିଷଦ ବୈଠକ ଶୁକ୍ରବାର ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ସହିତ ମାଧପୁର



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ବିଧାୟକ ରମେଶ ଚନ୍ଦ୍ର ସାଏ ଉଭୟ ବୈଠକରେ ସଭାପତିତ୍ୱ କରିଥିଲେ। ଉପଜିଲ୍ଲାପାଳ ଲଳିତ ମୋହନ ବେହେରା, ସମ୍ପାଦକ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ଡା. ସୁନୀଲ କୁମାର ପଣ୍ଡା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଓ ଅସୁବିଧା ସମ୍ପର୍କରେ ଡାକ୍ତର ପଣ୍ଡା ଦୃଷ୍ଟି ଆକର୍ଷଣ କରିଥିଲେ। ଡାକ୍ତରଖାନାରେ ପାଚେରି, ପରିସ୍ରାଗାର, ରୋଗୀ ସହାୟକମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ସମାପ୍ତ କରିବାକୁ ସମିତି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ।

# କଣ୍ଟେଇକୁଳିଆ ଚାମ୍ପିୟନ



ବିଜୟୀ ଦଳର ଖେଳାଳିମାନେ।

ବଇଣ୍ଡା,୨୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ କଣ୍ଟେଇକୁଳିଆ ଗ୍ରାମରେ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାଧପୁରକୁ ହରାଇ କଣ୍ଟେଇକୁଳିଆ ୨-୧ରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପବନା ବେହେରା ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅର୍ଜୁନ କୁମାର ବେହେରା, ପୂର୍ବତନ ସରପଞ୍ଚ ଅମାତ କୁମାର ସାହୁ, ସରପଞ୍ଚ କୁମୁଦିନୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ, ଗ୍ରାମ ସଭାପତି ଅଭିରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତୁଷାରକାନ୍ତ ପ୍ରଧାନ, ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ଓବିସି ମୋର୍ଚ୍ଚା ନୂଆ ପଦାଧିକାରୀ

ଅନୁଗୋଳ ଅଫିସ,୨୫।୧୨

ଅନୁଗୋଳ ଜିଲା ଭାଜପା ଓବିସି ମୋର୍ଚ୍ଚା ଜିଲା ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ଦୀଲେଶ୍ୱର ପ୍ରଧାନଙ୍କ ଅନୁମୋଦନ କ୍ରମେ ଓବିସି ମୋର୍ଚ୍ଚା ଜିଲା ପ୍ରଭାରୀ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ମୋର୍ଚ୍ଚା ଜିଲା ସଭାପତି ସରୋଜ କୁମାର ଜେନା ସମସ୍ତ ପଦାଧିକାରୀଙ୍କ ନାମ ଘୋଷଣା କରିଥିଲେ। ଉପସଭାପତି ଭାବେ ଅର୍ଜୁନ ସାହୁ, ବିଭୂତି ସାହୁ, କହ୍ନେଇ ସାହୁ ଓ ସୁମନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ଲକ୍ଷଣ କୁମାର ସାହୁ, ସମ୍ପାଦକ ନବକିଶୋର ପ୍ରଧାନ, ଯଶୋବନ୍ତ ବେହେରା, ସୁଧାକର ସାହୁ, ହରେକୃଷ୍ଣ ପ୍ରଧାନ, ହିମାଂଶୁ ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ମିଡିଆ ସେଲର ଭୀଷ୍ମ ପ୍ରଧାନ, ସୋସିଆଲ ମିଡିଆର ଯୋଗେନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।

# ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଇଣ୍ଡା,୨୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ତ୍ରିନାଥ ମନ୍ଦିର ଖେଳ ପଡିଆରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ବଇଣ୍ଡାକୁ ହରାଇ ଛେଣ୍ଡିପଦା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା ବିଦ୍ୟୁତ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାର, ଶିକ୍ଷାବିତ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଜିତ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଅଜିତ ପଟ୍ଟନାୟକ, ଗୋପୀନାଥ ସାହୁ, ସତ୍ୟସୁନ୍ଦର ବେହେରା, ସରୋଜ କୁମାର ସାହୁ, ପଦ୍ମଲୋଚନ ସାହୁ ପରିଚାଳନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଓକିଲ ସଂଘ ସଦସ୍ୟଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ,୨୫।୧୨

ଅନୁଗୋଳ ଓକିଲ ସଂଘର ସକ୍ରିୟ ସଦସ୍ୟ ଗଣେଶ୍ୱର ନନ୍ଦ (୫୫)ଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଏ ନେଇ ଓକିଲ ସଂଘ ପକ୍ଷରୁ ଶନିବାର ଏକ ଶୋକସଭା ସଭାପତି ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨ ମିନିଟ ନୀରବ ପ୍ରାର୍ଥନା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ବଡ଼ୁଆ, ଦିଲୀପ ମହାନ୍ତି, ପ୍ରଦୀପ ଦେବତା, ସୁଶୀଲ ପ୍ରଧାନ, ବୈଷ୍ଣବ ପାତ୍ର, ଧର୍ମେନ୍ଦ୍ର ନାଥ ମିଶ୍ର, ଅମୂଲ୍ୟ



ବେହେରା, ପ୍ରଶାନ୍ତ ରଥ, ଧ୍ରୁବ ଚରଣ ସାହୁ, ଗୋପାଳ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ ପାଇଁ ସ୍ଥିର କରାଯାଇଥିଲା। ସ୍ୱର୍ଗତ ଆତ୍ମାର ସମ୍ମାନାର୍ଥେ ଦିନକ ପାଇଁ କଚେରି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ସମ୍ପାଦକ ସୋମନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ ଦିନ ହେଲା ଧାରଣାରେ ବୈଜ୍ଞାନିକ




ବୈଜ୍ଞାନିକମାନେ ଧାରଣା ଦେଉଛନ୍ତି।

ଅନୁଗୋଳ ଅଫିସ, ୨୫।୧୨

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଶିକ୍ଷକ ସଂଘର ୧୮ ଦଫା ଦାବି ପୂରଣ ପାଇଁ ଚାଲିଥିବା ଆନ୍ଦୋଳନରେ ଅନୁଗୋଳ ପଞ୍ଚମହଲାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ସାମିଲ ହୋଇଛନ୍ତି। ଗତ ନଭେମ୍ବର ୨୯ରୁ ସେମାନେ ଦିନରେ କାର୍ଯ୍ୟ କରିବା ସହ ସନ୍ଧ୍ୟା ୫ଟା ପରେ କଳା ବ୍ୟାଜ ପରିଧାନ କରି ଧାରଣାରେ ବସୁଛନ୍ତି। ଓୟୁଏଟିର ପ୍ରଧ୍ୟାପକ ଓ ପ୍ରମୁଖ ଅଧ୍ୟାପକ ପଦବୀଗୁଡ଼ିକୁ ସିଧାସଳଖ ଚୟନ କରିବା, ଅବସର ବୟସସୀମା ୬୫ ବର୍ଷକୁ ବୃଦ୍ଧି କରିବା, ବିଭିନ୍ନ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଓ କୃଷି ଫାର୍ମରେ କାର୍ଯ୍ୟରତ ନିୟମିତ ଶ୍ରମିକଙ୍କୁ ଇପିଏଫ୍ ପ୍ରଦାନ ଆଦି ଦାବି ନେଇ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଦେବାଶିଷ ମିଶ୍ର, ବୈଜ୍ଞାନିକ ଧରିତ୍ରୀ ପାତ୍ର ଓ ଡ. ଜ୍ଞାନ ରଞ୍ଜନ ସାହୁ ପ୍ରମୁଖଙ୍କ ସହ କର୍ମଚାରୀମାନେ ଧାରଣାରେ ସାମିଲ ରହିଛନ୍ତି।

# ଟେଲି ମେଡିସିନ ସେବା ଉଦ୍‌ଘାଟିତ

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକମୁଣ୍ଡା ପଞ୍ଚାୟତ ଡେବୁଡ୍ ଗ୍ରାମରେ ଶନିବାର ଟେଲି ମେଡିସିନ୍ ସେବା ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଟିପିସି ଡାକ୍ତରଖାନାରେ ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟରତ ଡେବୁଡ ଗ୍ରାମର ଡାକ୍ତର ବସନ୍ତ କୁମାର ବେହେରାଙ୍କ ସହଯୋଗରେ ଏହି ସେବା ସହଯୋଗ ଶିବିର ଆରମ୍ଭ ହୋଇଛି। କାଶୀନାଥ ସାହୁ ଗ୍ରାମବାସୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଡାକ୍ତର ବେହେରାଙ୍କ ଉଦ୍ୟମରେ ଉଡାନ୍ ସଂସ୍ଥା ପକ୍ଷରୁ ଏହି ଟେଲି ମେଡିସିନ ସେବା ଯୋଗାଇ ଦିଆଯାଇଛି। ଅର୍ଥାଭାବ କାରଣରୁ ବଡ ଡାକ୍ତରଖାନା ଯାଇପାରୁ ନ ଥିବା ରୋଗୀ ଏଠାରେ ଚିକିତ୍ସା ସୁବିଧା ପାଇପାରିବେ। ସେହିପରି କୋଭିଡ୍ ସମୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଡାକ୍ତର ବେହେରା ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱରସ୍ଥିତ ଏମ୍ସ୍ ଚର୍ମ ବିଭାଗ ଡାକ୍ତର ଚନ୍ଦ୍ରଶେଖର ଶିବକା, କିଡ୍‌ନୀ କେୟାର ଗ୍ୟାଷ୍ଟ୍ରୋ ବିଭାଗ ଡାକ୍ତର ପ୍ରକାଶ ଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା ସହିତ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। ଉଡାନ୍ ସମ୍ପାଦକ ମନିଷ ମହାନ୍ତି, ନାଲ୍‌କୋ ଡିଜିଏମ୍ ଏଚ୍ଆର୍ ସୁନୀଲ ମହାପାତ୍ର, ଏନ୍‌ଟିପିସି ମେଡିକାଲ ମେଡିସିନ ବିଭାଗ ମୁଖ୍ୟ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଭାବେ ରମେଶ ପ୍ରଧାନ, ସରପଞ୍ଚ ଡିଲେଶ୍ୱର ସ୍ୱାଇଁ, ବିନୋଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଅବସରରେ ଯୋଗ ଶିକ୍ଷା ଦିଆଯାଉଛି।

# ମହିଳାଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ,୨୫।୧୨

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ସେରେଣାବେଡ଼ା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସବିତା ବେହେରା ଆତ୍ମହତ୍ୟା କରିଛନ୍ତି। ସେ ଗ୍ରାମ ନିକଟରେ ଥିବା ଏକ ଗଛରେ ପିନ୍ଧା ଲୁଗା ବେକରେ ବାନ୍ଧି ଝୁଲି ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ଲୋକମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ପଠାଇ ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

